# Akashvani, Sambalpur

## SAMBALPURI NEWS EVENING BULLETIN

## 17 August 2026-7.02- 7.12 pm.

---

୧- ଯାଜପୁର୍ ଆଉ ଭଦ୍ରକ୍ ଜିଲ୍ଲା ନ ବଏଢ଼୍ ପ୍ରଭାବିତ୍ ଇଲାକାର୍ ସ୍ଥିତି ଅନୁଧ୍ୟାନ୍ କଲେ ମୁଖ୍ୟମନ୍ତ୍ରୀ ।

୨- ପୂର୍ବତଟ କ୍ଷେତ୍ର ନ ବର୍ଷା ଲାଗି ପ୍ରଭାବିତ୍ ଟ୍ରେନ୍ ଚଲାଚଲ୍ ସ୍ଥିତିର୍ ସମୀକ୍ଷା କଲେ ରେଲ୍‌ମନ୍ତ୍ରୀ ।

୩- ଆଏବା ରାକ୍ଷୀପୁନି ଦିନ ହିତାଧିକାରୀମାନ୍‌କୁ ଦିଆଯିବା ସୁଭଦ୍ରା ସାହାଜ୍ ଟଙ୍କା ।

ଆଉର୍

୪- ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏବା ୨୨ ତାରିଖ୍ ଦିନ ହେବା- ୱାର୍ଲ୍ଡ ଆଥ୍‌ଲେଟିକ୍ସ କଂଟିନେଂଟାଲ୍ ଟୁର୍ ସିଲ୍‌ଭର୍ ମିଟ୍ ।

ବନ୍ୟା		ଆର୍ଏନ୍ୟୁ/ କଟକ୍

ଉତର୍ ପଶ୍ଚିମ ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ ଉତର୍ ପଶ୍ଚିମ ଦିଗ୍କେ ଯାଇକରି ଅବପାତ୍ଥି ବଦ୍ଲିଛେ । ଇଟା ବାଲେଶ୍ୱର୍ନୁ ଶହେ ୮୦ କିଲୋମିଟର୍ ଦୂରେ ଅଛେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସୂଚ୍ନା ମିଲିଛେ । ଆଏବା ୨୪ ଘଂଟା ଭିତ୍ରେ ଅବପାତ୍ ପଶ୍ଚିମବଙ୍ଗ୍, ଝାର୍ଖଣ୍ଡ ଆର୍ ବିହାର୍ ଆଡ଼୍କେ ଯିବାର୍ ସମ୍ଭାବନା ରହିଛେ ।

ଅବପାତ୍ର ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍ରେ ବାଲେଶ୍ୱର୍, କେନ୍ଦୁଝର୍ ଆର୍ ମୟୁର୍ଭଞ୍ଜ ଜିଲ୍ଲା ନ ଜବର୍ନୁ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଥିବାର୍ ବେଲେ ୧୨ ଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।

ଲଗାଏତ୍ ବର୍ଷାର୍ ପ୍ରଭାବ୍ନୁ କେତେଟା ଜିଲ୍ଲା ନ ବନ୍ୟା ପରିସ୍ଥିତି ସୃଷ୍ଟି ହେଇଛେ । ବଏଢ଼୍ ଲାଗି ୪୯ଟା ବ୍ଲକର ୯୪୭ଟା ଗାଁର୍ ୫ଲାଖ୍ରୁ ଅଏତ୍କା ଲୋକ୍ ପ୍ରଭାବିତ ହୋଇଛନ୍ । ୨ ଲାଖ୍

୩୭ ହଜାରନୁ ଅଏତ୍କା ଲୁକ୍କୁ ନିରାପଦ ଜାଗାକେ ନିଆଯାଇଥିବାର୍ ସର୍କାର୍ଙ୍କର୍ ତର୍ଫୁ କୁହାଯାଇଛେ । ବର୍ଷା ଲାଗି ଆଏଜ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଆର୍ ମୟୂରଭଞ୍ଜ ଜିଲ୍ଲାନ ସବୁ ଶିକ୍ଷାନୁଷ୍ଠାନ ସହେତେ ଅଙ୍ଗନବାଡି କେନ୍ଦ୍ର ମାନ୍ ବନ୍ଦ୍ ରହିଥିଲା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ଯାଜ୍ପୁର୍ ଜିଲ୍ଲା ବଏଢ୍ ପ୍ରଭାବିତ୍ ଦଶ୍ରଥ୍ପୁର୍ ଇଲାକା ବୁଲିକରି ସ୍ଥିତିର୍ ଅନୁଧ୍ୟାନ୍ କରିଛନ୍ । ଇ ସମିଆଥି ମୁଖ୍ୟମନ୍ତ୍ରୀ ପ୍ରଭାବିତ୍ ମାନ୍କର୍ ନିକେ ତୁର୍ତି ରିଲିଫ୍, ସ୍ୱାସ୍ଥ୍ୟସେବା ଆଉ ଜରୁରୀ ଜିନିଷ୍ ପହଁଚାବାର୍ ସହେତେ ସାହାଜ୍ କାମ୍କେ ତୁର୍ତି କର୍ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ଶ୍ରୀ ମାଝୀ ଉପର୍ବେଲା ଭଦ୍ରକ୍ ଜିଲ୍ଲା ନ ବଏଢ୍ ସ୍ଥିତିର୍ ଅନୁଧ୍ୟାନ୍ କରିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ମୁଖ୍ୟମନ୍ତ୍ରୀ କହିଛନ୍, ବଏଢ୍ ସ୍ଥିତିର୍ ମୁକାବିଲା ଲାଗି ସ୍ଥାନୀୟ ପ୍ରଶାସନ୍ ପୁରା ପୁରି ତତ୍ପରତାର୍ ସହେତେ କାମ୍ କରୁଛନ୍ । ଯୁଦ୍ଧକାଲୀନ୍ ଭିତିଥି ଉଦ୍ଧାର୍ ଆଉ ଥଇଥାନ୍ କାମ୍ ଜାରି ରହିଛେ । ଇସବୁର୍ ଠିକ୍ ଭାବେ ପରିଚାଲନା ଲାଗି ୩ ଝନ୍ ବରିଷ୍ଠ ଅଧିକାରୀଙ୍କୁ ବାଲେଶ୍ୱର୍, ଭଦ୍ରକ୍ ଆଉ ଯାଜ୍ପୁର୍ ଜିଲ୍ଲା ଲାଗି ଖାସ୍ ଦାୟିତ୍ୱ

ଦିଆଯାଇଛେ । ପ୍ରଭାବିତ୍ ଲୁକ୍‌କର୍ ନିକେ ଜଲ୍‌ଦି ସର୍‌କାରୀ ସାହାଜ୍ ପହଁଚାବାର୍ ଆଉ ସେମାନ୍‌କର୍ ସୁରକ୍ଷା ସୁନିଶ୍ଚିତ୍ କର୍‌ବାର୍‌ଟା ସର୍‌କାର୍‌ଙ୍କର୍ ସବୁନୁ ପହେଲା ପ୍ରାଥମିକତା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଜଲ୍‌ସମ୍ପଦ୍ ବିଭାଗ୍‌ର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ୍ ରାଉତ୍ କହିଛନ୍, ରାଏଜେ ଇହାଦେ ମଧ୍ୟମ୍ ଧରଣ୍‌ର ବଏଢ୍ ସ୍ଥିତି ଦେଖାଦେଇଛେ । ବ୍ରାହ୍ମଣୀ ଆଉ ବୈତରଣୀ ନଦୀ ନ ବଏଢ୍ ହେଇଥିବାର୍ ସେ କହିଛନ୍ । ବର୍ଷାର୍ ପରିମାଣ୍ କମିଥିବାର୍‌ନୁ ଯାଜ୍‌ପୁର୍ ଆଉ ଭଦ୍ରକ୍ ନ ନଦୀ ମାନ୍‌କେ ଜଲ୍‌ସ୍ତର୍ କମିଥିବାର୍ ବେଲେ ସୁବର୍ଣ୍ଣ ରେଖା ଆଉ ଜଲକା ନଦୀ ନ ବଏଢ୍ ସ୍ଥିତି ନାଇଁନ ବଲି ଶ୍ରୀ ରାଉତ୍ କହିଛନ୍ ।

ସୀତାରମଣ ବେଙ୍କିଙ୍ଗ୍ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍ ବିକଶିତ ଭାରତ ଲକ୍ଷ୍ୟ ପୁରା କର୍‌ବାର୍‌କେ ଖୋବ୍ ଜଲ୍‌ଦି ବେଙ୍କିଙ୍ଗ୍ କ୍ଷେତ୍ରଥି ସଂସ୍କାର୍ ଲାଗି ଗୁଟେ ଉଚ୍ଚସ୍ତରୀୟ କମିଟି ଗଠନ୍ କର୍‌ବେ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଆଏଜ୍ ନୂଆଦିଲ୍ଲୀ ନ ରାଷ୍ଟ୍ରାୟତ ଉଦ୍ୟୋଗ୍ ବେଙ୍କ୍ ମାନ୍‌କର୍ ୨ ଦିନିଆ ସମ୍ମିଳନୀକେ ଉଦ୍‌ଘାଟନ୍ କର୍‌ବାର୍ ଅବ୍‌ସରେ

କହିଛନ୍, ଇ ଉଚ୍ଚସ୍ତରୀୟ କମିଟି ବେଙ୍କିଙ୍ଗ୍ ସଂସ୍ଥା ବାବ୍ଦେ ଭବିଷ୍ୟତ୍ କାର୍ଯ୍ୟପନ୍ଥାକେ ନେଇକରି ରିପୋର୍ଟ ଦେବା । ଆଏଜ୍ଠାନୁ ମୁଲ୍ ହେଇଥିବା ଦୁଇଦିନିଆ ସମ୍ମିଲନୀଥି ହେବାର୍କେ ଥିବା ଆଲୋଚନାନୁ ବେଙ୍କ୍ ମାନ୍କର୍ ଭବିଷ୍ୟତ୍ ଭୂମିକାକେ ନେଇକରି ରୂପରେଖ୍ ତିଆର୍ କରାଯିବା ବଲି ଶ୍ରୀମତୀ ସୀତାରମଣ୍ କହିଛନ୍ । ଭାରତୀୟ ବେଙ୍କ୍ ମାନ୍କର୍ ନିହି ବର୍କସ୍ ଅଛେ ଆଉ ଆଏବା ଦିନେ ଅଏତ୍କା ମଜ୍ବୁତ୍ କର୍ବାର୍ ଦିଗେ ସଂସ୍କାର୍ ଆନ୍ବାର୍ ଲାଗି ପଦକ୍ଷେପ୍ ନିଆଯିବା ବଲି ଅର୍ଥମନ୍ତ୍ରୀ କହିଛନ୍ । ସେ କହିଛନ୍, ଉଚ୍ଚସ୍ତରୀୟ କମିଟି ରିପୋର୍ଟ ଦେବାର୍ ଉତ୍ରୁ ସର୍କାର୍ ଆଉ ବେଙ୍କିଙ୍ଗ୍ କ୍ଷେତ୍ରଥି ଭାରତ୍ର ଅର୍ଥନୈତିକ୍ ଅଭିବୃଦ୍ଧି ତ୍ବରିତି ହେବା । ଭାରତ୍ ଲାଗି ଦୀର୍ଘକାଳୀନ୍ ବିକାଶ୍ ଲକ୍ଷ୍ୟ ପୁରା କର୍ବାର୍ ଲାଗି ୨୦ ବଛର୍ ନୁ କମ୍ ସମିଆ ଥିବାର୍ ବେଲେ ଇ ପଦକ୍ଷେପ୍ ଜରୁରୀ ଭୂମିକା ନେବା ବଲି ଅର୍ଥମନ୍ତ୍ରୀ କହିଛନ୍ ।

ରେଲ ଚଳାଚଳ ସମୀକ୍ଷା        ଆର୍ଏନ୍ୟୁ/ କଟକ୍

ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଏଜ୍  ଦେଶର ପୂର୍ବତଟ କ୍ଷେତ୍ରଥି ଲାଗି ରହିଥିବା ଲଗାଏତ୍ ବର୍ଷା ଆଉ ରେଲ୍ ଚଲାଚଲ୍ ସ୍ଥିତିର୍ ସମୀକ୍ଷା କରିଛନ୍ । ପାଏନ୍ ଜମି ରହୁଥିବା ରେଲ୍‌ପଥ୍ ଉପ୍‌ରେ ନଜର୍ ରଖ୍‌ବାର୍ ଆଉ ଟ୍ରେନ୍ ଚଲାଚଲ୍ ଠିକ୍ ଭାବେ ଜାରି ରଖ୍‌ବାର୍‌କେ ଦକ୍ଷିଣ ପୂର୍ବ ରେଲ୍‌ତଟର ମହାପ୍ରବନ୍ଧକଙ୍କୁ ଶ୍ରୀ ବୈଷ୍ଣବ୍ ନିର୍ଦ୍ଦେଶ୍ ଦେଇଛନ୍ । ରୂପ୍‌ସା- ବାରିପଦା- ବାଙ୍ଗିରପୋଷି ଆଉ ରାଉର୍‌କେଲା-ବଣ୍ଡାମୁଣ୍ଡା ବାଗିର୍ କ୍ଷେତ୍ରର୍ ରେଲପଥ୍‌ଥି ଅଏତ୍‌କା ସାଧନ୍ ଲଗେଇଖରି ରେଲ୍‌ର ସୁରକ୍ଷିତ୍ ଚଲାଚଲ୍‌କେ ସୁନିଶ୍ଚିତ୍ କର୍‌ବାର୍ ଉପ୍‌ରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ଜୋର୍ ଦେଇଛନ୍ ।

ଉପମୁଖ୍ୟମନ୍ତ୍ରୀ-ଶିଶୁମଙ୍ଗଳ ସମିତି        ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଶିଶୁମାନ୍‌କର୍ ସୁରକ୍ଷା ଆଉ କଲ୍ୟାଣ୍ ଲାଗି ସର୍‌କାର୍‌ଙ୍କର୍ ପ୍ରତିବଦ୍ଧତାକେ ଆହୁରି ବର୍‌କସ୍ କର୍‌ବାର୍ ଲକ୍ଷ୍ୟଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍ ଭୁବ୍‌ନେଶ୍ୱର୍ ନ ଥିବା ରାଜ୍ୟ ମହିଳା ଆଉ ଶିଶୁ ପ୍ରତିଷ୍ଠାନ୍ ପରିସର୍ ନ ଶିଶୁମଙ୍ଗଳ

ସମିତିର ନୂଆଁ ସଦସ୍ୟମାନ୍‌କର୍ ଲାଗି ହେଇଥିବା ୫ ଦିନିଆ ତାଲିମ୍ କାର୍ଯ୍ୟକ୍ରମ୍‌ର ୨ ନମ୍ୱର୍ ବେଚ୍‌କେ ଉଦ୍‌ଘାଟନ୍ କରିଛନ୍ । ଇଥି ୨୭ ଟା ଜିଲ୍ଲା ନୁ ୫୮ ଝନ୍ ଶିଶୁମଙ୍ଗଲ୍ ସମିତିର୍ ସଦସ୍ୟ ଭାଗ୍ ନେଇଛନ୍ । ଫି' ଛୁଆଙ୍କର୍ ଲାଗି ସୁରକ୍ଷିତ୍ ଆଉ ଅନୁକୂଳ ପରିବେଶ୍ ତିଆର୍ କର୍‌ବାର୍‌ଟା ସର୍‌କାର୍‌ଙ୍କର୍ ପ୍ରାଥମିକତା ଆଏ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଇ ଅବ୍‌ସରେ କହିଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ଇନ ଜନେଇ ଦିଆଯାଇପାରେ ଯେ, ଇତାର୍ ଆଘୋନୁ ପହେଲା ବେଚ୍‌ଥି ୭୮ ଝନ୍ ନୂଆଁ ସଦସ୍ୟ ତାଲିମ୍ ନେଇଥିଲେ ।

ସୁଭଦ୍ରା ଯୋଜନା            ଆର୍‌ଏନ୍‌ୟୁ/ କଟକ୍

ସୁଭଦ୍ରା ଯୋଜ୍‌ନାର୍ ୫ ନମ୍ୱର୍ କିସ୍ତି ସାହାଜ୍ ଟଙ୍କା ଆଏବା ୨୮ ତାରିଖ୍ ରାଖି ପୁନି ଅବ୍‌ସରେ ଦିଆଯିବା । ନୟାଗଡ଼୍ ଜିଲ୍ଲା ନ ହେବାର୍‌କେ ଥିବା ଖାସ୍ ରାଜ୍ୟସ୍ତରୀୟ ସମାରୋହଥି ସୁଭଦ୍ରା କିସ୍ତି ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ

ଏକାସାଙ୍ଗେ ୫ ଟା କିସ୍ତି ଦିଆଯିବା । ଇ ମାସ ୨୮ ତାରିଖ୍ ତକ୍ ଆବେଦନ୍ କରିଥିବା ୧ କୋଟିନୁ ଅଏତ୍କା ହିତାଧିକାରୀଙ୍କୁ ସାହାଜ୍ ଟଙ୍କା ବେଙ୍କଖାତାକେ ଦିଆଯିବା ।

ଉପମୁଖ୍ୟମନ୍ତ୍ରୀ -ବଲାଙ୍ଗିର୍ ବଲାଙ୍ଗିର୍ ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ବଲାଙ୍ଗିର୍ ଜିଲ୍ଲା ପାଟ୍ନାଗଡ୍ ଉପଖଣ୍ଡର ଭିନ୍ ଭିନ୍ ଜାଗା ନ ପାଖାପାଖି ୧୪ କୋଟି ଟଙ୍କାର୍ ପ୍ରକଳ୍ପ ଭିତିପ୍ରସ୍ତର୍ ଥାପ୍ନା କରିଛନ୍ । ଜିଲ୍ଲାର୍ ପ୍ରସିଦ୍ଧ ପର୍ଯ୍ୟଟନ୍ସ୍ଥଲୀ ଗନ୍ଧମାର୍ଦ୍ଧନ୍ ପର୍ବତ୍ ତଲେ ଥିବା ହରିଶଙ୍କର୍ ମନ୍ଦିର୍‌ର ଚାର୍‌ହିଆଡ଼ର୍ ବିକାଶ୍ ଲାଗି ୧୩ କୋଟି ୫୦ ଲାଖ୍ ଟଙ୍କାର୍ ପ୍ରକଳ୍ପର୍ ଶୁଭାରମ୍ଭ ହେଇଛେ ।

ଖସାପଡ଼ା ନୀତି ପୁରୀ ସମ୍ବାଦଦାତା

ଶ୍ରାବଣ୍ ମାସର୍ ଉଜଲ୍ ପଖର୍ ପଂଚ୍ମୀ ତିଥି ନ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍କର୍ ଖସାପଡ଼ା ନୀତି

କରାଯାଉଛେ । ଇଥିର୍‌ଲାଗି ୨ ନମ୍ବର୍ ଭୋଗ ମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍‌ରୁ ସଞ୍ଜର୍ ୬ ନୁ ରାତିର୍ ୧୦ ବଜେତକ୍ ଇ ଗୁପ୍ତ ନୀତି କରାଯିବା । ଇଥିର୍‌ଲାଗି ଇ ସମିଆଥି ୪ ଘଂଟା ଲାଗି ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେଛେ ।

୩ନମ୍ବର୍ ଶ୍ରାବଣ୍ ସୋମ୍‌ବାର୍   ଆର୍‌ଏନ୍‌ୟୁ ସମ୍ବଲପୁର/ ସୁବର୍ଣ୍ଣପୁର୍

ଶ୍ରାବଣ୍ ମାସର୍ ଆଏଜ୍ ୩ ନମ୍ବର୍ ସୋମ୍‌ବାର୍‌ଥି ରାଜ୍ୟର୍ ଭିନ୍ ଭିନ୍ ମହାଦେବ୍ ଗୁଡ଼ି ମାନ୍‌କେ ପାଏନ୍ ଚଢ଼ାବାର୍ ଲାଗି କାଉଡ଼ିଆମାନ୍‌କର୍ ଜବର୍ ଭିଡ୍ ହେଇଛେ । ସୁବର୍ଣ୍ଣପୁର୍ ଜିଲ୍ଲାର୍ ଅଷ୍ଟଶମ୍ଭୁ, ବାବା ସୁବର୍ଣ୍ଣମେରୁ, ରାମେଶ୍ୱର, ଗୋକର୍ଣ୍ଣେଶ୍ୱର ସହେତେ ବୈଦ୍ୟନାଥର ବାବା କୋଶଳେଶ୍ୱର୍, ଚର୍‌ଦାର୍ ବାବା କପିଳେଶ୍ୱର୍, ବୀର୍‌ମହାରାଜ୍‌ପୁର୍‌ର ବାବା ଚମ୍ପେଶ୍ୱର୍, ବାବା ଗୋଧନେଶ୍ୱର୍, ନାଗେଶ୍ୱର୍ ବାଗିର୍ ମନ୍ଦିର୍ ମାନ୍‌କେ ଶ୍ରଦ୍ଧାଳୁମାନ୍‌କର୍ ଭିଡ୍ ଦେଖିବାର୍‌କେ ମିଳିଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗାନୁ ଭକ୍ତମାନେ ଆସିକରି ମହାନଦୀ ଆଉ ତେଲ୍‌ନଦୀର୍

ସଙ୍ଗମ୍‌ସ୍ଥଲୀ ସ୍ୱର୍ଣ୍ଣପ୍ରୟାଗ୍ ଘାଟ୍‌ନୁ ପାଏନ୍ ନେଇକରି ମହାଦେବ୍‌ବାବାଙ୍କୁ ଜଳାଭିଷେକ୍ କରିଛନ୍ ।

ଇ ଅବ୍‌ସରେ ସମ୍ବଲ୍‌ପୁର୍ ଜିଲ୍ଲାର୍ ହୁମା, ମାନେଶ୍ୱର୍, ମୁକ୍ତେଶ୍ୱର୍, କକ୍ଷେଶ୍ୱର୍ ଶିବ ମନ୍ଦିର୍ ନ ବାହାରୁ ବହୁତ୍‌ଟେ ଭକ୍ତ ପାଏନ୍ ନେଇକରି ଆସିକରି ଶିବଙ୍କୁ ପାଏନ୍ ଚଢ଼େଇଛନ୍ । ଇତାର୍‌ଛଡ଼ା ସମ୍ବଲ୍‌ପୁର୍ ସହରର୍ ବାଲିବନ୍ଧା, ବୁଢ଼ାରଜା, ଦୁର୍ଗାପାଲି, ଝାଡୁଆପଡ଼ା, ନନ୍ଦପଡ଼ା, ମୁଦିପଡ଼ା ସହେତେ ସବୁ ଶିବମନ୍ଦିର୍ ମାନ୍‌କେ ଦର୍ଶନ୍ ଆର୍ ପାଏନ୍ ଚଢ଼ାବାର୍‌କେ ଭକ୍ତ ଆର୍ କାଉଡ଼ିଆମାନ୍‌କର୍ ଭିଡ୍ ଲାଗିଥିଲା ।

ପାର୍ବତୀ ଗିରି- ପୁଣ୍ୟତିଥି        ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶିଷ୍ଟସ୍ୱାଧୀନତା ସଂଗ୍ରାମୀ ଆଉ ସମାଜସେବୀ ପାର୍ବତୀ ଗିରିଙ୍କର୍ ଆଏଜ୍ ପୁଣ୍ୟତିଥି । ୧୯୯୫ ମସିହା ଆଝିର ଦିନେ ତାଙ୍କର୍ ପରଲୋକ ହେଇଥିଲା ।

ତାଙ୍କର୍ ପୁଣ୍ୟତିଥି ଅବ୍‌ସରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା ପ୍ରମୁଖ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ଅଭିଯୋଗ୍ ଶୁଣାଣି ସମ୍ବଲପୁର୍/ ସୁବର୍ଣ୍ଣପୁର୍/ ଦେବ୍‌ଗଡ଼୍/ ବୌଦ୍ଧ

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଯୁଗ୍ମ ଜନଶୁଣାଣି ଶିବିର ହେଇଯାଇଛେ ।

ସମ୍ବଲପୁର ଜିଲ୍ଲା ନାଉଟିଦେଉଲ୍ ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଶୁଣାଣି ଶିବିର୍‌ଥି ୪୦ ଟା ଅଭିଯୋଗ ଆସିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ନ ହେଇଥିବା ଶୁଣାଣି ଶିବିର୍‌ଥି ୪୪ ଟା ଅଭିଯୋଗ ଆସିଥିବାର୍ ବେଲେ ଗୁଟେ ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଶିବିରଥି ୯୪ ଟା ଅଭିଯୋଗ ଆସିଥିବାର୍ ବେଲେ ୨୭ ଟା ଅଭିଯୋଗ୍‌ର୍ ତୁର୍‌ତି ସମାଧାନ୍ କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ରିଆମାଲ୍ ବ୍ଲକ୍ ବାଘ୍‌ବର୍ ଗ୍ରାମ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଶିବିରଥି ୨୭ ଟା ଅଭିଯୋଗ ଆସିଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

କିଶୋର୍ ନ୍ୟାୟ ଅଧିନିୟମ୍ ଦେବ୍‌ଗଡ଼୍ ସମ୍ବାଦଦାତା

ରାଜ୍ୟ ହାଇକୋର୍ଟଙ୍କର୍ ନିର୍ଦ୍ଦେଶ୍‌ଥି ଦେବ୍‌ଗଡ଼୍ ଜିଲ୍ଲା ନ୍ୟାୟାଳୟର୍ ସଭାଗୃହ ନ କିଶୋର୍ ନ୍ୟାୟ ଅଧିନିୟମ୍ - ଦଶନ୍ଧିର୍ କାର୍ଯ୍ୟାନ୍ୱୟନ୍ ଆଉ ଆଗାମୀ ପଥ ଶୀର୍ଷକ୍ ଗୁଟେ ଜିଲ୍ଲାସ୍ତରୀୟ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ଜିଲ୍ଲା ଦୌରା ଜଜ୍ ଦେବାଶିଷ୍ ରାଉତ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । କିଶୋର୍ ନ୍ୟାୟ ଅଧିନିୟମ୍ -୨୦୧୫ ର ଦଶନ୍ଧି ପୂର୍ତ୍ତି ଅବ୍‌ସରେ ହେଇଥିବା ଇ କର୍ମଶାଳାଥି କିଶୋର୍ ନ୍ୟାୟ ବ୍ୟବସ୍ଥାଥି ହେଇଥିବା ପରିବର୍ତ୍ତନ୍, ଉପଲବ୍ଧି ଆଉ

କାର୍ଯ୍ୟାନ୍ୱୟନ୍‌ଥି ଥିବା ପ୍ରତିବନ୍ଧକ୍ ବାବ୍‌ଦେ ବିସ୍ତୃତ୍ ଆଲୋଚନା କରାଯାଇଥିଲା ।

ୱାର୍ଲ୍ଡ ଆଥ୍‌ଲେଟିକ୍ସ ଆଇ.ଆଣ୍ଡ.ପି.ଆର୍

ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ଆଏବା ୨୨ ତାରିଖ୍ ପହେଲାଥର୍ ଲାଗି ୱାର୍ଲ୍ଡ ଆଥ୍‌ଲେଟିକ୍ସ କଂଟିନେଂଟାଲ୍ ଟୁର୍ ସିଲ୍‌ଭର୍ ମିଟ୍ ହେବା । ରାଜ୍ୟ ସର୍‌କାର୍‌ଙ୍କର୍ କ୍ରୀଡ଼ା ଆଉ ଯୁବସେବା ବିଭାଗ୍, ଭାରତୀୟ ଆଥ୍‌ଲେଟିକ୍ସ ମହାସଂଘ ଆଉ ୱାର୍ଲ୍ଡ ଆଥ୍‌ଲେଟିକ୍ସର ମିଲିତ୍ ସହଯୋଗ୍‌ଥି ହେବାର୍‌କେ ଥିବା ଇ ବିଶ୍ୱସ୍ତରୀୟ ପ୍ରତିଯୋଗିତାକେ ଗଲାବଛର୍ ବ୍ରୋଂଜସ୍ତର୍‌ନୁ ଇଥର ସିଲ୍‌ଭର୍ ସ୍ତରକେ ଉନ୍ନୀତ୍ କରାଯାଇଛେ । ୨୦୨୮ ମସିହାଥି କଲିଙ୍ଗ ଷ୍ଟାଡ଼ିୟମ୍ ନ ହେବାର୍‌କେ ଥିବା ବିଶ୍ୱ ଆଉ ଏସୀୟ ଇନ୍‌ଡୋର୍ ଆଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍ ଲାଗି ଇଟା ଗୁଟେ ପ୍ରମୁଖ ପ୍ରସ୍ତୁତି ପର୍ଯ୍ୟାୟ ହେବା ବଲି କୁହାଯାଇଛେ । ଇ ଦିନ୍‌କିଆ ପ୍ରତିଯୋଗିତାଥି ୨୭ ଟା ଦେଶ୍‌ନୁ ମୋଟ୍ ଶହେ ୮୮ ଝନ୍ ଖେଲାଲି ଭାଗ୍ ନେବେ ।